# REGIONAL NEWS UNIT, AIR CUTTACK

## Mid-day Bulletin (2.32PM)

### 13 July – 2026

******************************

## ମୁଖ୍ୟ ସମ୍ବାଦ

- ସ୍ୱାସ୍ଥ୍ୟ ଗବେଷଣା ପରିସରକୁ ବ୍ୟାପକ କରିବା ପାଇଁ ସ୍ୱାସ୍ଥ୍ୟ ମନ୍ତ୍ରଣାଳୟ ପକ୍ଷରୁ ପ୍ରସ୍ତୁତ ଚିଠା ନୀତି ଉପରେ ଜନସାଧାରଣଙ୍କଠାରୁ ମତାମତ ଆହ୍ୱାନ

- ଆନ୍ଧ୍ରପ୍ରଦେଶରେ ଦେଖା ଦେଇଥିବା କୋଭିଡ୍-୧୯ ପ୍ରଭାବ ପରିପ୍ରେକ୍ଷୀରେ ସୀମାନ୍ତ ଅଞ୍ଚଳଗୁଡ଼ିକରେ ସରକାରଙ୍କ ପକ୍ଷରୁ ସତର୍କତାମୂଳକ ପଦକ୍ଷେପ

- 'ମନ୍ କି ବାତ୍' ୧୩୬ତମ ସଂସ୍କରଣ ପାଇଁ ଦେଶବାସୀଙ୍କଠାରୁ ଆହ୍ୱାନ କରାଯାଉଛି ମତାମତ

ଏବଂ

- ରଥଯାତ୍ରା ପୂର୍ବରୁ ସୁରକ୍ଷା ସମ୍ବନ୍ଧିତ ମକ୍‌ଡ୍ରିଲ ପୁରୀଠାରେ ଅନୁଷ୍ଠିତ

News Pool

## ଚିଠା ନୀତି

ଜାତୀୟ ସ୍ୱାସ୍ଥ୍ୟ ଗବେଷଣା ଚିଠା ନୀତି ଉପରେ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ମନ୍ତ୍ରଣାଳୟ ପକ୍ଷରୁ ମତାମତ ଆହ୍ୱାନ କରାଯାଇଛି। ଦେଶରେ ସ୍ୱାସ୍ଥ୍ୟ ଗବେଷଣା ଇକୋସିଷ୍ଟମ୍‌କୁ ସୁଦୃଢ଼ କରିବା ଏବଂ ଏ ନେଇ ଏକ ରଣନୈତିକ ଢାଞ୍ଚା ପ୍ରସ୍ତୁତ କରିବା ଲକ୍ଷ୍ୟରେ ଏହି ନୀତି ସହଯୋଗ ପ୍ରଦାନ କରିବ। ଉଚ୍ଚଗୁଣବତ୍ତା, ନୈତିକ ଓ ଅଭିନବ ଗବେଷଣାକୁ ପ୍ରୋତ୍ସାହନ ପ୍ରଦାନ ତଥା ଜାତୀୟ ଏବଂ ଆଧୁନିକ ସ୍ୱାସ୍ଥ୍ୟସେବାକୁ ପ୍ରାଥମିକତା ଦେବା ଏହି ନୀତିର ଅନ୍ୟତମ ଉଦ୍ଦେଶ୍ୟ। ସ୍ୱାସ୍ଥ୍ୟ ଗବେଷଣା କ୍ଷେତ୍ର ପାଇଁ ଏକ କେନ୍ଦ୍ରୀୟ ରୂପରେଖ ଭାବେ ଜାତୀୟ ସ୍ୱାସ୍ଥ୍ୟ ଗବେଷଣା ଏଜେଣ୍ଡା ପ୍ରସ୍ତୁତ କରିବାକୁ ଏହି ଚିଠା ନୀତିରେ ପ୍ରସ୍ତାବ ଦିଆଯାଇଛି। ସ୍ୱାସ୍ଥ୍ୟ ମନ୍ତ୍ରଣାଳୟ କହିଛି, ବିଭିନ୍ନ ଅଂଶୀଦାରଙ୍କ ପରାମର୍ଶ ଏବଂ ସୁପାରିସ ଉପରେ ବ୍ୟାପକ ଆଲୋଚନା କରାଯାଇ ଏହି ଚିଠି ନୀତି ପ୍ରସ୍ତୁତ କରାଯାଇଛି। ମତାମତ ଦାଖଲ କରିବାର ସମୟସୀମା ଆସନ୍ତା ୨୭ ତାରିଖକୁ ଧାର୍ଯ୍ୟ କରାଯାଇଛି।

Desk

## କୋଭିଡ୍-୧୯

ପଡ଼ୋଶୀ ରାଜ୍ୟ ଆନ୍ଧ୍ରପ୍ରଦେଶରେ କୋଭିଡ୍-୧୯ର ସାମ୍ପ୍ରତିକ ପ୍ରାର୍ଦୁଭାବକୁ ଦୃଷ୍ଟିରେ ରଖି ସୀମାନ୍ତ ଅଞ୍ଚଳଗୁଡ଼ିକ ପାଇଁ ସରକାର ସ୍ୱତନ୍ତ୍ର ସତର୍କତାମୂଳକ ପଦକ୍ଷେପ ଗ୍ରହଣ କରିଛନ୍ତି। ସୀମାନ୍ତ ଜିଲ୍ଲାଗୁଡ଼ିକରେ

ସନ୍ଦିଗ୍ଧ କୋଭିଡ୍ ସଂକ୍ରମଣ ଉପରେ ତୀକ୍ଷ୍ଣ ନଜର ରଖାଯାଇଛି। ଆଗାମୀ ରଥଯାତ୍ରାକୁ ଦୃଷ୍ଟିରେ ରଖି ରାଜ୍ୟ ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ହାଇଆଲର୍ଟ ଜାରି କରାଯାଇଛି। ସମସ୍ତ ଆବଶ୍ୟକ ସତର୍କତା ମୂଳକ ପଦକ୍ଷେପକୁ କଡ଼ାକଡ଼ି ଭାବେ ଅନୁପାଳନ କରିବାକୁ ସ୍ୱାସ୍ଥ୍ୟ ବିଭାଗର ଅଧିକାରୀଙ୍କୁ ନିର୍ଦ୍ଦେଶ ଦିଆଯାଇଛି। ଜନସ୍ୱାସ୍ଥ୍ୟ ନିର୍ଦ୍ଦେଶକ ଡାକ୍ତର ରବିନ୍ଦ୍ର ନାଥ ମିଶ୍ର ଏ ସମ୍ପର୍କରେ ସୂଚନା ଦେଇ କହିଛନ୍ତି, ଆନ୍ଧ୍ରପ୍ରଦେଶ ସୀମା ସଂଲଗ୍ନ ରାଜ୍ୟର ସମସ୍ତ ଜିଲ୍ଲାର ମୁଖ୍ୟ ଜିଲ୍ଲା ଚିକିତ୍ସା ଅଧିକାରୀଙ୍କୁ ଏଥିପାଇଁ ସ୍ୱତନ୍ତ୍ର ନିର୍ଦ୍ଦେଶ ଜାରି କରାଯାଇଛି। ସନ୍ଦିଗ୍ଧ ରୋଗୀଙ୍କର ଜିଲ୍ଲା ମୁଖ୍ୟାଳୟ ହସ୍ପିଟାଲରେ ବାଧ୍ୟତାମୂଳକ ପରୀକ୍ଷା କରାଇବାକୁ ପରାମର୍ଶ ଦିଆଯାଇଛି।

ସ୍ୱାସ୍ଥ୍ୟ ବିଭାଗ ଦେଇଥିବା ସୂଚନା ଅନୁଯାୟୀ, ରାଜ୍ୟରେ କୋଭିଡ୍ ସଂକ୍ରମଣ ହ୍ରାସ ପାଇଥିଲେ ମଧ୍ୟ ନିରୀକ୍ଷଣ ବ୍ୟବସ୍ଥା ନିରନ୍ତର ଜାରି ରହିଛି। ସନ୍ଦିଗ୍ଧଙ୍କ ନିୟମିତ ପରୀକ୍ଷା କରାଯିବା ସହ ପଡ଼ୋଶୀ ରାଜ୍ୟଗୁଡ଼ିକରେ ସଂକ୍ରମଣର ସ୍ଥିତି ଉପରେ ସରକାର କଡ଼ା ନଜର ରଖିଛନ୍ତି। ଆନ୍ଧ୍ରପ୍ରଦେଶରେ କୋଭିଡ୍ -୧୯ ସଂକ୍ରମଣ ଯୋଗୁଁ ଇତିମଧ୍ୟରେ ଦୁଇଜଣଙ୍କର ମୃତ୍ୟୁ ହୋଇଛି।

Desk

## ମାଇ ଭାରତ

କେନ୍ଦ୍ର ଯୁବ ବ୍ୟାପାର ଓ କ୍ରୀଡ଼ା ମନ୍ତ୍ରଣାଳୟ "ମାଇଁ ଭାରତ" ଅଧୀନରେ ଦେଶବ୍ୟାପୀ ବିକଶିତ ଭାରତ ପାଇଁ ନିଶାମୁକ୍ତ ଯୁବପିଢ଼ି

ଅଭିଯାନର ତୃତୀୟ ପର୍ଯ୍ୟାୟ ଆରମ୍ଭ କରିଛି । ଏହି ଅଭିଯାନ ଅଧୀନରେ ଦେଶବ୍ୟାପୀ ୩ଟି ସ୍ତରରେ ବିଭିନ୍ନ ପ୍ରତିଯୋଗିତା ଆୟୋଜନ କରାଯିବ । ଏହି ପ୍ରତିଯୋଗିତା ଜିଲ୍ଲା ସ୍ତରରୁ ରାଜ୍ୟ ସ୍ତର ଓ ଜାତୀୟ ସ୍ତର ପର୍ଯ୍ୟନ୍ତ ଚାଲିବ । ଚଳିତ ମାସ ୨୪ରୁ ୨୭ ତାରିଖ ପର୍ଯ୍ୟନ୍ତ ହେବାକୁ ଥିବା ପ୍ରତିଯୋଗିତାଗୁଡ଼ିକ ପାଇଁ ଆଜିଠାରୁ "ମାଇଁ ଭାରତ ପୋର୍ଟାଲ୍"ରେ ପଞ୍ଜୀକରଣ ଆରମ୍ଭ ହୋଇଛି । ଏହି ପ୍ରତିଯୋଗିତାଗୁଡ଼ିକର ଫାଇନାଲ ଆସନ୍ତା ମାସ ୧୨ ତାରିଖରେ ନୂଆଦିଲ୍ଲୀରେ ଅନୁଷ୍ଠିତ ହେବ । ନୃତ୍ୟ, ସଙ୍ଗୀତ, ରିଲ୍ ଏବଂ କ୍ଷୁଦ୍ର ଚଳଚ୍ଚିତ୍ର, ନୁକ୍କଡ ନାଟକ ଓ କବିତା ଆଦି ପର୍ଯ୍ୟାୟରେ ୧୫ରୁ ୨୯ ବର୍ଷ ବୟସର ଛାତ୍ରଛାତ୍ରୀମାନେ ଅଂଶଗ୍ରହଣ କରିପାରିବେ ।

Desk

## ଇସ୍ରୋ – କ୍ରୁ ମଡ୍ୟୁଲ

ଭାରତୀୟ ମହାକାଶ ଗବେଷଣା ପ୍ରତିଷ୍ଠାନ– ଇସ୍ରୋର ସୂଚନା ଅନୁଯାୟୀ ଗଗନଯାନ କ୍ରୁ ମଡ୍ୟୁଲର ୩ଟି ପ୍ରମୁଖ ପରୀକ୍ଷା ସଫଳତାର ସହ ଶେଷ ହୋଇଛି । କ୍ରୁ ମଡ୍ୟୁଲ ସମୁଦ୍ର ମଧ୍ୟରେ ପଡ଼ିବା ପରେ ଯେଭଳି ସିଧା ହୋଇପାରିବ, ସେନେଇ ପରୀକ୍ଷଣ ସଫଳ ହୋଇଛି । ଏଥିଲାଗି ଇସ୍ରୋ ପକ୍ଷରୁ ଥଣ୍ଡା ଗ୍ୟାସ୍ ଆଧାରିତ ବ୍ୟବସ୍ଥା ବିକଶିତ କରାଯାଇଛି । ଦ୍ୱିତୀୟ ପରୀକ୍ଷଣରେ କ୍ରୁ ମଡ୍ୟୁଲର ଉଭୟ ଅଂଶକୁ ନିର୍ଦ୍ଧାରିତ ସମୟରେ ଅଲଗା କରି ଶକ୍ତିଯୋଗାଣ ସୁନିଶ୍ଚିତ କରିବା ଏବଂ ତୃତୀୟ ପରୀକ୍ଷଣରେ

କ୍ରୁ ମଡ୍ୟୁଲର ଅଲଗା ହେବା ସମୟରେ ସଂରଚନା ସମନ୍ୱୟର ସଠିକ୍ ପରିଚାଳନା ହୋଇଥିବା ଇସ୍ରୋ ପକ୍ଷରୁ କୁହାଯାଇଛି।

Balangir

## ସ୍ୱାସ୍ଥ୍ୟମନ୍ତ୍ରୀ– ଅଙ୍ଗନବାଡ଼ି କେନ୍ଦ୍ର

ବଲାଙ୍ଗୀର ଜିଲ୍ଲା ଲୋଇସିଂହା ବ୍ଲକର ହୀରାପୁର ସକ୍ଷମ ଅଙ୍ଗନବାଡ଼ି କେନ୍ଦ୍ରକୁ ଆଜି ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ମନ୍ତ୍ରୀ ଡକ୍ଟର ମୁକେଶ ମହାଲିଙ୍ଗ ଗସ୍ତ କରିଥିଲେ। ସେଠାରେ ଅଙ୍ଗନବାଡ଼ି କେନ୍ଦ୍ରରେ ଥିବା ବିଭିନ୍ନ ସୁବିଧା ସୁଯୋଗର ସ୍ଥିତି ସମୀକ୍ଷା କରିବା ସହିତ ସ୍ୱାସ୍ଥ୍ୟମନ୍ତ୍ରୀ ଡକ୍ଟର ମହାଲିଙ୍ଗ ଉପସ୍ଥିତ ଅଧିକାରୀଙ୍କ ସହ ଆଲୋଚନା କରିଛନ୍ତି।

Bhadrak

## ସଚେତନତା କାର୍ଯ୍ୟକ୍ରମ

ଭଦ୍ରକ ବ୍ଲକର ଏରେଇ ଗ୍ରାମ ପଞ୍ଚାୟତଠାରେ ଏକ ଆଇନ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଓଡ଼ିଶା ରାଜ୍ୟ ଆଇନ ସେବା ପ୍ରାଧିକରଣ ଏବଂ ଭଦ୍ରକ ଜିଲ୍ଲା ଆଇନସେବା ପ୍ରାଧିକରଣ ଆନୁକୂଲ୍ୟରେ ଆୟୋଜିତ ଏହି ଶିବିରରେ ବିଚାରବିଭାଗୀୟ ଓ ଶ୍ରମ ଅଧିକାରୀ, ସରପଞ୍ଚ ପ୍ରମୁଖ ଯୋଗଦେଇ ନାଲ୍‌ସା ଯୋଜନା-୨୦୨୫ ଉପରେ ଆଲୋଚନା କରିଛନ୍ତି। ବିଭିନ୍ନ ସରକାରୀ ଯୋଜନା ଅଧୀନରେ ପ୍ରଦାନ କରାଯାଉଥିବା ଭତ୍ତା ତଥା ଅନ୍ୟାନ୍ୟ ସୁବିଧା ସୁଯୋଗ ଉପରେ ଏହି ଅବସରରେ ସୂଚନା ପ୍ରଦାନ କରାଯାଇଛି।

Desk

## ମନ୍ କୀ ବାତ୍

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଆସନ୍ତା ୨୬ ତାରିଖ ରବିବାର ଦିନ ଆକାଶବାଣୀର ମନ୍ କି ବାତ୍ କାର୍ଯ୍ୟକ୍ରମରେ ଜନସାଧାରଣଙ୍କ ସହ ଭାବ ବିନିମୟ କରିବେ । ଏହା ହେବ  ମନ୍ କି ବାତ୍ କାର୍ଯ୍ୟକ୍ରମର ୧୩୬ତମ ସଂସ୍କରଣ । ଏଥିପାଇଁ ପ୍ରଧାନମନ୍ତ୍ରୀ ଲୋକମାନଙ୍କୁ ସେମାନଙ୍କର ମତାମତ ଦେବାକୁ ଅନୁରୋଧ କରିଛନ୍ତି । ଜନସାଧାରଣ ନମୋ ଆପ୍ ଓ My Gov ପୋର୍ଟାଲ୍‌ରେ ସେମାନଙ୍କର ମତାମତ ଦେଇ ପାରିବେ । ଏହା ବ୍ୟତୀତ ସେମାନେ ୧୮୦୦-୧୧-୭୮୦୦ ଡାଏଲ୍ କରି ସେମାନଙ୍କର ମତାମତ ରେକର୍ଡ କରିପାରିବେ । ସେମାନେ ମଧ୍ୟ ୧୯୨୨ କୁ ମିସ୍‌ଡ କଲ୍ ଦେଇ SMS ଅନୁସାରେ ନିଜର ମତାମତ ଆସନ୍ତା ୨୪ ତାରିଖ ମଧ୍ୟରେ ଦେଇପାରିବେ ।

Puri

## ରଥଯାତ୍ରା ପ୍ରସ୍ତୁତି

ଆଗାମୀ ରଥଯାତ୍ରାର ପ୍ରସ୍ତୁତି ନେଇ ପୁଲିସ ତଥା ଅନ୍ୟାନ୍ୟ ବିଭାଗ ପକ୍ଷରୁ ମକ୍‌ଡ୍ରିଲ ଅନୁଷ୍ଠିତ ହୋଇଯାଇଛି । ଅତିରିକ୍ତ ପୁଲିସ ମହାନିର୍ଦ୍ଦେଶକ ସୌମେନ୍ଦ୍ର ପ୍ରିୟଦର୍ଶୀଙ୍କ ତତ୍ତ୍ୱାବଧାନରେ ପୁଲିସ ଲାଇନ୍ ପଡ଼ିଆଠାରେ ଏହି ମକ୍‌ଡ୍ରିଲ ଅନୁଷ୍ଠିତ ହୋଇଛି । ରଥଟଣା ପ୍ରକ୍ରିୟା ଏବଂ ଏ ନେଇ ରହିଥିବା ସତର୍କତା ମୂଳକ ପଦକ୍ଷେପକୁ ଦୃଷ୍ଟିରେ ରଖି ପୁଲିସ ପକ୍ଷରୁ ମକ୍‌ଡ୍ରିଲ କରାଯାଇଥିଲା । ଗୁଣ୍ଡିଚା ମନ୍ଦିର ନିକଟରେ ଅଗ୍ନିଶମ ବିଭାଗ ପକ୍ଷରୁ ସ୍ୱତନ୍ତ୍ର ପ୍ରସ୍ତୁତି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି । ଭିଡ଼ ଭିତରେ ଅଣନିଶ୍ୱାସୀ

ହେଉଥିବା ଭକ୍ତଙ୍କୁ ଶୃଙ୍ଖଳିତ ଭାବେ ବାହାରକୁ ଆଣିବା ସହିତ ଚିକିତ୍ସା ସେବା ଯୋଗାଇ ନେଇ ପ୍ରସ୍ତୁତିମୂଳକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି। ରଥଯାତ୍ରାରେ ଅବସରରେ ବିଭିନ୍ନ ପୋଖରୀ ତଥା ସମୁଦ୍ରରେ ସୁରକ୍ଷିତ ସ୍ନାନ ଉପରେ ମଧ୍ୟ ସମ୍ପୃକ୍ତ ବିଭାଗ ପକ୍ଷରୁ ବିଶେଷ ଧ୍ୟାନ ଦିଆଯାଇଛି। ଏନ୍.ଡି.ଆର.ଏଫ୍, ଓଡ୍ରାଫ ଏବଂ ବିଭିନ୍ନ ସ୍ୱେଚ୍ଛାସେବୀ ଅନୁଷ୍ଠାନର ପ୍ରତିନିଧି ମକ୍‌ଡ୍ରିଲରେ ଅଂଶଗ୍ରହଣ କରିଥିଲେ।

Puri

# ଘଣାଲାଗି

ଅଣବସର ତ୍ରୟୋଦଶୀ ତିଥିରେ ପୁରୀ ଶ୍ରୀମନ୍ଦିରରେ ଆଜି ଶ୍ରୀଜୀଉଙ୍କର ଘଣାଲାଗି ନୀତି ଅନୁଷ୍ଠିତ ହେବ । ସୁନାକୂଅରୁ ୩ ଗରା ଜଳ ଗତକାଲିଠାରୁ ଶୁଦ୍ଧ ସୁଆରଙ୍କ ଘରେ ବିଜେ ହେବା ସହ ଦିବ୍ୟ ପ୍ରଲେପ ଖଳି ପ୍ରସ୍ତୁତ କରାଯାଇଛି । ଘଣାଲାଗି ପରେ ସେହି ଖଳିକୁ ଶୁଦ୍ଧ ସୁଆରଙ୍କ ଘରୁ ଶୋଭାଯାତ୍ରାରେ ସୂର୍ଯ୍ୟାସ୍ତ ପୂର୍ବରୁ ଶ୍ରୀମନ୍ଦିରକୁ ବିଜେ କରାଯିବ । ଖଳିଲାଗି ହୋଇ ମହାପ୍ରଭୁଙ୍କ ଶ୍ରୀମୁଖୀ ଓଡା ପଡ଼ିବ । ଏଥିସହ ଦଇତାପତି ସେବକ ଶ୍ରୀଜୀଉଙ୍କର ଶ୍ରୀପୟର ମୁଦାନୀତି ସଂପନ୍ନ କରିବେ । ବିଳମ୍ବିତ ରାତିରେ ଗତକାଲି ମହାପ୍ରଭୁଙ୍କ ଘଣାକଟା କାର୍ଯ୍ୟନୀତି ଶେଷ ହୋଇଛି। ଦତ୍ତ ମହାପାତ୍ରଙ୍କ ଘରୁ ଭୋଗ ମଣ୍ଡପ ନୀତି ଶେଷ ହେବା ପରେ ଖଡ଼ି ଆସିବା ସହ ଠାକୁରଙ୍କଠାରେ ଖଡ଼ିଲାଗି ନୀତି କରାଯିବ। ଆସନ୍ତାକାଲି ଚତୁର୍ଦ୍ଧାମୂର୍ତ୍ତିଙ୍କ ନବଯୌବନ ଦର୍ଶନ ଅନୁଷ୍ଠିତ ହେବ । ଏହି ଦର୍ଶନ ସୀମିତ ସମୟ ପାଇଁ ହେବ ବୋଲି ଶ୍ରୀମନ୍ଦିର ପ୍ରଶାସନ ପକ୍ଷରୁ କୁହାଯାଇଛି ।

ଅପରାହ୍ନ ୨ଟାଠାରୁ ସାହାଣ ମେଲା ଦର୍ଶନ ଆରମ୍ଭ ହେବ। ବୁଧବାର ଦିନ ଅମାବାସ୍ୟା ଓ ରଥଯାତ୍ରା ପାଇଁ କେତେକ ସ୍ୱତନ୍ତ୍ର ନୀତିକାନ୍ତି ରହିଥିବାରୁ ଚଳିତ ବର୍ଷ ନବଯୌବନ ଦର୍ଶନକୁ ସୀମିତ ରଖିବା ପାଇଁ ନିଷ୍ପତ୍ତି ନିଆଯାଇଛି।

Boudh

## ମତ୍ସ୍ୟଚାଷ

ବୌଦ୍ଧ ଜିଲ୍ଲାରେ ବାୟୋଫ୍ଲକ୍ ମତ୍ସ୍ୟଚାଷ ତଥା ଆଧୁନିକ ଚାଷ ପଦ୍ଧତିକୁ ପ୍ରୋତ୍ସାହନ ପ୍ରଦାନ କରିବା ଲକ୍ଷ୍ୟ ନେଇ ହିତାଧିକାରୀଙ୍କୁ ସହାୟତା ରାଶି ବଣ୍ଟନ କରାଯାଇଛି। ଜିଲ୍ଲା ମତ୍ସ୍ୟ ବିଭାଗ ପକ୍ଷରୁ ଆର୍.ଏମ୍.ସି. ସମ୍ମିଳିନୀ କକ୍ଷଠାରେ ଆୟୋଜିତ ସମାରୋହରେ ମତ୍ସ୍ୟଚାଷୀ ଏବଂ ମହିଳା ସ୍ୱୟଂସହାୟକ ଗୋଷ୍ଠୀ ସଦସ୍ୟଙ୍କ ମଧ୍ୟରେ ଆଧୁନିକ ମତ୍ସ୍ୟଚାଷ, ସରକାରୀ ସହାୟତା ଏବଂ ରୋଜଗାର ସୃଷ୍ଟି ନେଇ ଏକ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି।  ଜିଲ୍ଲା ମତ୍ସ୍ୟ ଅଧିକାରୀ ନିଶା ବେହେରାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ମତ୍ସ୍ୟଚାଷ କ୍ଷେତ୍ରରେ ରହିଥିବା ସରକାରୀ ଯୋଜନା ଏବଂ ଏହାର ସୁଫଳ ଉପରେ ଆଲୋଚନା ହୋଇଛି।

HS

## କୋର୍ଟକୁ ବୋମା ଧମକ

ସମ୍ବଲପୁର ଏବଂ ଅନୁଗୁଳ ଜିଲ୍ଲା କୋର୍ଟକୁ ଆଜି ବୋମା ଧମକ ମିଳିବା ପରେ କୋର୍ଟ ପରିସରରେ ଯାଞ୍ଚ ଏବଂ ସୁରକ୍ଷା ବ୍ୟବସ୍ଥାକୁ

କଡ଼ାକଡ଼ି କରାଯାଇଥିଲା । କୋର୍ଟକୁ ବୋମାରେ ଉଡ଼ାଇ ଦେବା ନେଇ ଏକ ଧମକପତ୍ର ଇ-ମେଲ ମାଧ୍ୟମରେ ଆସିଥିଲା । ଏହି ଧମକ ଆଧାରରେ ପୁଲିସ ଘଟଣା ସ୍ଥଳରେ ପହଁଞ୍ଚି ତଲାସୀ ଆରମ୍ଭ କରିଥିଲେ । ବୋମା ନିଷ୍କ୍ରିୟକାରୀ ଦଳ, ସନ୍ଧାନକାରୀ ଏବଂ ବହୁ ସଂଖ୍ୟାରେ ପୁଲିସ ଫୋର୍ସ ଏହି ତଲାସୀ ଅଭିଯାନରେ ସାମିଲ ହୋଇଥିଲେ ।

Desk

## ପ୍ରଶିକ୍ଷଣ କାର୍ଯ୍ୟକ୍ରମ

ନନ୍ଦନକାନନ ପ୍ରାଣୀ ଉଦ୍ୟାନରେ ନୂତନ ଚିଡ଼ିଆଖାନା ରାଷ୍ଟ୍ରଦୂତଙ୍କ ପାଇଁ ଏକ ପ୍ରଶିକ୍ଷଣ କାର୍ଯ୍ୟକ୍ରମ ଗତକାଲି ଅନୁଷ୍ଠିତ ହୋଇଯାଇଛି । ପ୍ରଥମ ପର୍ଯ୍ୟାୟରେ ରାଜ୍ୟର ୧୧ଟି ଜିଲ୍ଲାର ୪୧ଟି ସ୍କୁଲର ନୂତନ ଭାବେ ମନୋନୀତ ଚିଡ଼ିଆଖାନା ରାଷ୍ଟ୍ରଦୂତଗଣ ଯୋଗ ଦେଇଥିଲେ । ବିଦ୍ୟାଳୟର ଛାତ୍ରଛାତ୍ରୀଙ୍କ ମଧ୍ୟରେ ବନ୍ୟପ୍ରାଣୀ ସଂରକ୍ଷଣର ଗୁରୁତ୍ୱ ଏବଂ ସେମାନଙ୍କର ଦାୟିତ୍ୱ ନେଇ ସଚେତନତା ବୃଦ୍ଧି ଲକ୍ଷ୍ୟରେ ୨୦୨୩ ମସିହାରେ ଚିଡ଼ିଆଖାନା ରାଷ୍ଟ୍ରଦୂତ କାର୍ଯ୍ୟକ୍ରମ ଆରମ୍ଭ କରାଯାଇଥିଲା । ୨୦୨୪ ମସିହା ଡିସେମ୍ବର ମାସରେ ଏଥିପାଇଁ ମନୋନୟନ ପରୀକ୍ଷା ଅନୁଷ୍ଠିତ ହୋଇଥିଲା । ଏଥିରେ ୧୧୦ ଜଣ କୃତକାର୍ଯ୍ୟ ହୋଇଛନ୍ତି । ପ୍ରଶିକ୍ଷଣ ଅବସରରେ ଚିଡ଼ିଆଖାନା ରାଷ୍ଟ୍ରଦୂତଙ୍କୁ ସେମାନଙ୍କର ଦାୟିତ୍ୱ, ବନ୍ୟପ୍ରାଣୀ ସୁରକ୍ଷା, ପର୍ଯ୍ୟଟକ ପରିଚାଳନା ଆଦି ପ୍ରସଙ୍ଗଗୁଡ଼ିକ ଉପରେ ତାଲିମ ପ୍ରଦାନ କରାଯାଇଛି ।

Desk

# ପାଣିପାଗ

ରାଜ୍ୟର କେତେକ ଅଞ୍ଚଳରେ ଆସନ୍ତା ୨୦ ତାରିଖ ପର୍ଯ୍ୟନ୍ତ ହାଲୁକାରୁ ମଧ୍ୟମଧରଣର ବର୍ଷା ହେବା ନେଇ ଭୁବନେଶ୍ୱରସ୍ଥିତ ଆଞ୍ଚଳିକ ପାଣିପାଗ ବିଜ୍ଞାନ କେନ୍ଦ୍ର ପକ୍ଷରୁ ଅନୁମାନ କରାଯାଇଛି । ଦକ୍ଷିଣ–ପଶ୍ଚିମ ମୌସୁମୀ ବାୟୁ ରାଜ୍ୟରେ ସକ୍ରିୟ ରହିଛି । ଗତ ୨୪ ଘଣ୍ଟା ମଧ୍ୟରେ ଜଗତସିଂହପୁରଠାରେ ସର୍ବାଧିକ ୬୦ ମିଲିମିଟର ବର୍ଷା ରେକର୍ଡ କରାଯାଇଛି । ପାଣିପାଗ କେନ୍ଦ୍ର ଦେଇଥିବା ସୂଚନା ଅନୁଯାୟୀ, ଗତ ମାସ ପହିଲାରୁ ଏ ପର୍ଯ୍ୟନ୍ତ ରାଜ୍ୟରେ ୩୪୮ ଦଶମିକ ୨ ମିଲିମିଟର ବର୍ଷା ରେକର୍ଡ କରାଯାଇଛି । ଯାହାକି ସ୍ୱାଭାବିକଠାରୁ ୪ ପ୍ରତିଶତ ଅଧିକ । ଆସନ୍ତା ୧୭ ତାରିଖ ପର୍ଯ୍ୟନ୍ତ ପ୍ରତିକୂଳ ପାଗ ଯୋଗୁଁ ସମୁଦ୍ର ଅଶାନ୍ତ ରହିବାର ସମ୍ଭାବନା ରହିଛି । ସମୁଦ୍ର ମଧ୍ୟକୁ ନ ଯିବା ପାଇଁ ମତ୍ସ୍ୟଜୀବୀଙ୍କୁ ପରାମର୍ଶ ଦିଆଯାଇଛି ।